# ଆଦିବାସୀ ମେଳାର ତ୍ରୟୋଦଶ ସନ୍ଧ୍ୟା : ୦୭.୦୨.୨୦୧୦

ରାଜ୍ୟସ୍ତରୀୟ ଆଦିବାସୀ ମେଳା ଓ ସାଂସ୍କୃତିକ ଉତ୍ସବର ତ୍ରୟୋଦଶ ସଂଧ୍ୟାରେ ସମ୍ମାନିତ ଅତିଥି ହିସାବରେ ମାନ୍ୟବର ଲୋକସଭା ସଦସ୍ୟ ଶ୍ରୀଯୁକ୍ତ ବୈଜୟନ୍ତ ପଣ୍ଡା ମହୋଦୟ ଏବଂ ଅନ୍ୟତମ ସ୍ୱତନ୍ତ୍ର ଅତିଥି ମାନନୀୟା ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ଶ୍ରୀମତୀ ପ୍ରମିଳା ମଲ୍ଲିକ ମହୋଦୟା ଯୋଗଦାନ କରିଥିଲେ । ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ତାଲିମ ପ୍ରତିଷ୍ଠାନର ନିର୍ଦ୍ଦେଶକ ତଥା ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀର ସଦସ୍ୟ ସଚିବ ପ୍ରଫେସର (ଡଃ) ଅଖିଳ ବିହାରୀ ଓତା ସ୍ୱାଗତ ଅଭିଭାଷଣ ପ୍ରଦାନ ପ୍ରସଂଗରେ ଆଦିବାସୀ ମେଳାର ଐତିହ୍ୟ ଉପରେ ସଂକ୍ଷିପ୍ତ ସୂଚନା ଦେଇ ଏହି ମେଳାର ବିଭିନ୍ନ ଦିବସରେ ଦେଶବିଦେଶରୁ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଆଗମନରେ ମେଳାର ମହତ୍ତ୍ୱ ବୃଦ୍ଧି ପାଇଛି ଏବଂ ଜନମାନସରେ ଦିନକୁ ଦିନ ଏହା ନିଜର ପ୍ରସିଦ୍ଧି କିପରି ବଢ଼ାଇ ଚାଲିଛି ତାହା ଉପରେ ସୂଚନା ପ୍ରଦାନ କରିଥିଲେ ।

ମାନ୍ୟବର ଲୋକସଭା ସାଂସଦ ଶ୍ରୀଯୁକ୍ତ ବୈଜୟନ୍ତ ପଣ୍ଡା ମହୋଦୟ ମେଳାର ଉଦ୍ଦେଶ୍ୟ ବିଷୟରେ ସଂକ୍ଷିପ୍ତ ଅଥଚ ସାରଗର୍ଭକ ମନ୍ତବ୍ୟ ପ୍ରଦାନ କରି ମେଳା ଅର୍ଥ ମଜା ନେବା; ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ମୁଖ୍ୟ କଥା ବୋଲି କହିଥିଲେ । ଏହି ମେଳାର ଝଲକ ବଢି ବଢି କ୍ରମଶଃ ପ୍ରଖ୍ୟାତ ହୋଇ ଆନ୍ତର୍ଜାତୀୟ ମାନର ହେବାକୁ ଯାଉଥିବାର ପ୍ରସଂଗ କ୍ରମେ ସୂଚାଇ ଥିଲେ ।

ମାନନୀୟା ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ଶ୍ରୀମତୀ ପ୍ରମିଳା ମଲ୍ଲିକ ମହୋଦୟା କହିଥିଲେ ଆଦିବାସୀ ସଂସ୍କୃତି ଓଡ଼ିଶାର ସଂସ୍କୃତି । ଜଗନ୍ନାଥ ସଂସ୍କୃତି; ଆଦିବାସୀର ସଂସ୍କୃତି । ବର୍ତ୍ତମାନ କେବଳ ଜଗନ୍ନାଥ ଓ ଆଦିବାସୀ ବିଶୁଦ୍ଧ ଅଛନ୍ତି - ଆଉ ସବୁ ଦୂଷିତ ହୋଇଯାଇଛି । ଆଦିବାସୀର ହଳଦୀ, ଝୁଣା ଯେପରି ବିଶୁଦ୍ଧ ତା'ର ସଂସ୍କୃତି ସେହିପରି ବିଶୁଦ୍ଧ । ଆଦିବାସୀମାନେ ସତ୍ୟର ପ୍ରତୀକ । ସମସ୍ତେ ସାମିଲ ହୋଇ ଆଦିବାସୀ ସଂସ୍କୃତିକୁ ଆଗେଇ ନେବାରେ ଗୁରୁତ୍ୱାରୋପ କରିଥିଲେ ।

ଏହାପରେ ଧନ୍ୟବାଦ ଅର୍ପଣ ଉପରାନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଆଜିର ସାଂସ୍କୃତିକ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ପାଉଁଡ଼ିଭୂୟାଁ ନୃତ୍ୟ, ଜୁଆଙ୍ଗ ନୃତ୍ୟ, କନ୍ଧ (ବେଜୁଣୀ) ନୃତ୍ୟ, **K.I.S.S.** ପ୍ରତିଷ୍ଠାନର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ନୃତ୍ୟ ଓ ଚିତ୍ରାଙ୍କନ ଆଜି ମେଳା ପରିସରକୁ ମୁଖରିତ କରିଥିଲା ।

***